# Akashvani, Sambalpur

## SAMBALPURI NEWS EVENING BULLETIN

## 31 july 2026-7.02- 7.12 pm.

---

୧- ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜନାକେ ଆଉ ୫ ବଛର୍ ବଢ଼ାବାର୍ ଲାଗି କେନ୍ଦ୍ର କେବିନେଟ୍‌ର ନିଷ୍ପତି ।

୨- ରାଜ୍ୟର୍ ଆଇନ୍ ଶୃଙ୍ଖଳା ସ୍ଥିତି, ଶିଳ୍ପାୟନ୍‌ର ବିକାଶ୍ ବାବ୍‌ଦେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କର୍ ସାଙ୍ଗେ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ ।

୩- ବଏଢ୍ ଲାଗି ୧୫ ଟା ଜିଲ୍ଲାର୍ ୭ ଲାଖ୍ ନୁ ଅଏତ୍‌କା ଲୋକ୍ ହେଲେ ପ୍ରଭାବିତ୍ ।

- ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୨୨ ଟା ଗେଟ୍ ଦେଇକରି ଛଢ଼ାଯାଉଛେ ବଏଢ୍ ପାଏନ୍ ।

ଆଉର୍

୪- ଭୁବ୍‌ନେଶ୍ୱର୍ ନ ଆଏବା ୫ ତାରିଖ୍‌ନୁ ମୁଲ୍ ହେବା ବ୍ରିକ୍ସ-ଭାରତ୍ ଅଧ୍ୟକ୍ଷତାଥି ଶିକ୍ଷା ସମ୍ମିଳନୀ ।

କେନ୍ଦ୍ର କେବିନେଟ୍          ଏନ୍‌ଏସ୍‌ଡି

କେନ୍ଦ୍ର କେବିନେଟ୍ ଆଏଜ୍ ପ୍ରଧାନ୍‌ମନ୍ତ୍ରୀ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାକେ ୨୦୨୬-୨୭ ନୁ ୨୦୩୦-୩୧ ତକ୍ ଜାରି ରଖିବାର୍‌କେ ଅନୁମୋଦନ୍ ଦେଇଛେ । ଇ ୫ ବଛର୍ ଲାଗି ମୋଟ୍ ୩ ଲାଖ୍ ୧୫ ହଜାର୍ କୋଟି ଟଙ୍କା ଖର୍ଚ୍ଚା କରାଯିବା । କେନ୍ଦ୍ର ସୂଚ୍‌ନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଇ ବାବ୍‌ଦେ ସୂଚ୍‌ନା ଦେଇକରି କହିଛନ୍,

(ଭଏସ୍ ଓଭର୍- ଅଶ୍ୱିନୀ ବୈଷ୍ଣବ୍)

ପି.ଏମ୍. କିଷାନ୍ ଯୋଜ୍‌ନା ଜରିଏ ଡିବିଟି ଜରିଏ ଯୋଗ୍ୟ ଚାଷୀ ପରିବାର୍‌କେ ସମିଆ ଅନ୍‌ସାରେ ସାହାଜ୍ ଦିଆଯାଉଛେ । ଏବ୍‌ତକ୍ ୨୩ ଟା କିସ୍ତିଥି ୪ ଲାଖ୍ ୪୭ ହଜାର୍ କୋଟି ଟଙ୍କା ସିଧାସଲଖ୍ ଚାଷୀମାନ୍‌କର୍ ବେଙ୍କ୍ ଖାତାକେ ପଠାଯାଇଛେ । ଇ ସାହାଜ୍ ଚାଷୀମାନ୍‌କୁ ବିହନ୍, ସାର୍, ଜଲ୍‌ସେଚନ୍ ଆଉ ଚାଷ୍ ଯନ୍ତ୍ରପାତି ଘିନ୍‌ବାର୍ ଲାଗି ସାହାଜ୍ କରୁଛେ ।

ଇତାର୍‌ସହେତେ କେନ୍ଦ୍ର କେବିନେଟ୍ ଉପକୂଳ ଅନ୍ୱେଷଣ ଯୋଜ୍‌ନା- ସମୁଦ୍ର ମନ୍ଥନ୍‌କେ ଭିଲ୍ ଅନୁମୋଦନ୍ ଦେଇଛେ । ୨୦୩୦-

୩୧ ଆର୍ଥିକ୍ ବଛରତକ୍ ଇ ଯୋଜ୍ନା କାର୍ଯ୍ୟକାରୀ ଲାଗି ମୋଟ୍ ୮୪ ହଜାର୍ ୮୪ କୋଟି ଟଙ୍କା ଖର୍ଚ୍ଚା କରାଯିବା ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ସୂଚ୍ନା ଦେଇଛନ୍ ।

ଏଲ୍ଏସ୍-ଆର୍ଏସ୍-ଆଡ଼୍ଜର୍ଣ୍ଣଡ୍        ଏନ୍ଏସ୍ଡି

ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ଆଏଜ୍ ସଂସଦ୍ ନ ବିରୋଧୀ ସଦସ୍ୟମାନ୍କର୍ ହୋହଲ୍ଲା ଲାଗି ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହେଇଥିଲା । ପରିସ୍ଥିତିଥି କେନ୍ସି ପ୍ରକାର୍ ସୁଧାର୍ ନାଇଁ ଆସ୍ବାର୍ନୁ ଦୁହି ସଦନ୍କେ ଆଏଜ୍ ଦିନ୍କର୍ ଲାଗି ମୁଲ୍ତବୀ ରଖାଯାଇଛେ । ମଏଧାନର୍ ୧୨ ବଜେ ପହେଲା ମୁଲ୍ତବୀ ଉତ୍ରୁ ଲୋକ୍ସଭା ନ ଅଧ୍ୟକ୍ଷତା କରୁଥିବା ଦିଲ୍ଲୀପ୍ ସାଇକିଆ ଆଲୋଚନା ଲାଗି ଜନ୍ମମୃତ୍ୟୁ ପଞ୍ଜିକରଣ୍ ସଂଶୋଧନ୍ ବିଲ୍ ୨୦୨୬ କେ ଗ୍ରହଣ୍ କରିଥିଲେ । ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ହୋହଲ୍ଲା ଭିତ୍ରେ ଇ ବିଲ୍ ଉପସ୍ଥାପନ୍ କରିଥିଲେ । ହେଲେ କେନ୍ସି ଆଲୋଚନା ନାଇଁ ହେଇକରି ବିଲ୍ ଗୃହ ନ ମଞ୍ଜୁରୀ ଲାଭ୍ କରିଥିଲା ।

ଇ ବିଲ୍‌ଥି ଜନ୍ମମୃତ୍ୟୁ ପଞ୍ଜିକରଣ୍ ବିଧି ବ୍ୟବସ୍ଥାକେ ଅଏତ୍‌କା କଡ଼ାକଡ଼ି କରାଯାଇଛେ । ଠିକ୍ ସମିଆଥି ଲୁକ୍‌କୁ ଜନ୍ମ ଆଉ ମୃତ୍ୟୁ ବାବଦ୍ ରିପୋର୍ଟ ଦେବାର୍‌କେ ଇଥି ବ୍ୟବସ୍ଥା ରହିଛେ । ସଂଶୋଧନ୍ ଅନ୍‌ସାରେ ଯଦି ଜନମ୍ କି ମୃତ୍ୟୁର୍ ବଛରେ ଉତ୍‌ରୁ ଆଉ ୨ ବଛର୍ ଆଘୋନୁ ରେଜିଷ୍ଟ୍ରାର୍‌ଙ୍କର୍ ନିକେ ପଞ୍ଜିକରଣ୍ ଲାଗି ଆସ୍‌ବା ବେଲେ ସେ କ୍ଷେତ୍ରଥି ଜିଲ୍ଲା ମାଜିଷ୍ଟ୍ରେଟ୍, ଉପଖଣ୍ଡ ମାଜିଷ୍ଟ୍ରେଟ୍ ନାହେତ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କର୍ ତର୍‌ଫୁ ଅଧିକୃତ୍ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କର୍ ଅନୁମୋଦନ୍ ଦର୍‌କାର୍ ହେବା ।

ଯଦି ଇଟା ୨ ବଛର୍ ଉତ୍‌ରୁ ପଞ୍ଜିକରଣ୍ ଲାଗି ଆଏବା ବେଲେ ପହେଲା ଶ୍ରେଣୀ ବିଚାର୍ ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କର୍ ଅନୁମୋଦନ୍ ଦର୍‌କାର୍ ହେବା । ରାଜ୍ୟସଭା ନ ଆଏଜ୍ ଭିନ୍ ଭିନ୍ ପ୍ରସଙ୍ଗଥି ଦସ୍ତାବିଜ୍ ଉପସ୍ଥାପନ୍ କରାଯାଇଥିଲା । ଗ୍ରାମୀଣ୍ ବିକାଶ୍ ଆଉ ପଂଚାୟତିରାଜ୍ ବାବଦ୍ ଯୁଗ୍ମ କମିଟି ରିପୋର୍ଟ ରାଜ୍ୟସଭା ନ ଉପସ୍ଥାପିତ୍ ହେଇଥିଲା । କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଏଲ୍. ମୁରୁଗନ୍ ବିଭାଗୀୟ ସଂସଦୀୟ କମିଟିର୍ ୨୨ ନମ୍ବର୍ ରିପୋର୍ଟ ବାବ୍‌ଦେ ସୂଚ୍‌ନା ଦେଇକରି ମିଛ୍ ଖବର୍ ପ୍ରସାରଣ୍ ବନ୍ଦ୍ କର୍‌ବାର୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ବାବ୍‌ଦେ ଗୃହକେ ଜନେଇଥିଲେ ।

ମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନୂଆଦିଲ୍ଲୀ ନ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଆଏଜ୍ ଭେଟିକରି ରାଜ୍ୟର୍ ଆଇନ୍ ଶୃଙ୍ଖଳା ପରିସ୍ଥିତି ବାବ୍‌ଦେ ଆଲୋଚନା କରିଛନ୍ । ତାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦ୍ର ରେଲ୍, ସୂଚ୍‌ନା ଆଉ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସୌଜନ୍ୟମୂଲକ୍ ସାକ୍ଷାତ୍ କରି ରାଏଜେ ରେଲ୍ ଭିତିଭୂମିର୍ ବିକାଶ୍, ନୂଆଁ ରେଲ୍‌ଲାଇନ୍ ପ୍ରକଳ୍ପର୍ କାର୍ଯ୍ୟକାରିତା ଆଉ ଯୋଗାଯୋଗ୍ ବ୍ୟବସ୍ଥାର୍ ସୁଦୃଢ଼ୀକରଣ୍ ନେଇକରି ଆଲୋଚନା କରିଥିଲେ । ସାମାଜିକ୍ ଗଣମାଧ୍ୟମ୍‌ଥି ଇ ବାବ୍‌ଦେ ପୋଷ୍ଟ୍ କରିକରି ଶ୍ରୀ ମାଝୀ କହିଛନ୍, ଆଂଚଲିକ୍ ଆଉ ଶିଳ୍ପାଂଚଲ୍ ସଂଯୋଗୀକରଣ୍‌କେ ଅଏତ୍‌କା କ୍ରିୟାଶୀଳ କରିକରି ଆର୍ଥିକ୍ ପ୍ରଗତିକେ ତୁର୍‌ତି କର୍‌ବାର୍‌ଟା ସର୍‌କାର୍‌ଙ୍କର୍ ମୂଲ୍ ଉଦ୍ଦେଶ୍ୟ ଆଏ । କେନ୍ଦ୍ର ସର୍‌କାର୍‌ଙ୍କର୍ ସହଯୋଗ୍‌ଥି ଗୁଟେ ବିକଶିତ୍ ଆଉ ସମୃଦ୍ଧ ଓଡ଼ିଶା ଗଠନ୍ ଦିଗେ ସର୍‌କାର୍ ଆଗ୍‌କେ ଚାଲିଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ରାଷ୍ଟ୍ରପତି -ଓଡ଼ିଶା    ଆଇ.ଆଣ୍ଡ୍.ପି.ଆର୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ୩ ନୁ ୫ ତାରିଖ୍‌ତକ୍ ଓଡ଼ିଶା ଗସ୍ତଥି ଆସ୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଇ ଅବ୍‌ସରେ ୪ ତାରିଖ୍ ସଖାଲ୍ ବେଲା ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍ ରେଲ୍‌ଷ୍ଟେସନ୍‌ନୁ ଟ୍ରେନ୍‌ଥି ବ୍ରହ୍ମପୁର୍‌କେ ଯିବେ । ଇତାକେ ନଜର୍‌ଥି ରଖିକରି ରାଷ୍ଟ୍ରପତିଙ୍କର୍ ଗସ୍ତକେ ସୁରକ୍ଷିତ୍, ସୁବ୍ୟବସ୍ଥିତ୍ ଆଉ ଶୃଙ୍ଖଲିତ୍ ଭାବେ ସମ୍ପର୍ଣ୍ଣ କର୍‌ବାର୍ ଲାଗି ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଗୁଟେ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ସୁରକ୍ଷା ବ୍ୟବସ୍ଥାକେ ଅଏତ୍‌କା ପ୍ରାଥମିକତା ଦେବାର୍ ସହେତେ ସବୁ ବିଭାଗ୍ ଭିତ୍‌ରେ ତାଲ୍‌ମେଲ୍ ରଖିକରି କାମ୍ କର୍‌ବାର୍‌କେ ବରିଷ୍ଠ ପୁଲିସ୍ ଅଧିକାରୀମାନ୍‌କୁ ଡିଜିପି ନିର୍ଦ୍ଦେଶ୍ ଦେଇଛନ୍ ।

ବନ୍ୟା- ସୁରେଶ୍ ପୂଜାରୀ    ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବଏଢ଼୍ ବାଗିର୍ ବିପଦ୍ ସମିଆଥି ଫି' ନାଗରିକଙ୍କର୍ ପାଶ୍‌କେ ସାହାଜ୍ ପହଁଚାବାର୍ ଲାଗି ସର୍‌କାର୍ ପୁରାପୁରି ପ୍ରତିଶ୍ରୁତିବଦ୍ଧ ବଲି

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ପ୍ରଭାବିତ୍ ମାନ୍‌କର୍ ସୁରକ୍ଷା ଉପ୍‌ରେ ଜୋର୍ ଦେଇକରି ଶ୍ରୀ ମାଝୀ କହିଛନ୍, ଲୁକ୍‌କର୍ ଜୀବନ୍ ଆଉ ସୁରକ୍ଷାକେ ସର୍‌କାର୍ ସର୍ବୋଚ୍ଚ ପ୍ରାଥମିକତା ଦଉଛନ୍ । ଜଲବନ୍ଦୀ ଅଂଚଲ୍‌ନୁ ଲୋକ୍‌ମାନ୍‌କୁ ତୁର୍‌ତି ଉଦ୍ଧାର୍ କରାଯିବାର୍ ସହେତେ ଆଶ୍ରୟସ୍ଥଲୀମାନ୍‌କେ ରନ୍ଧା ଖାଏବାର୍, ସଫା ପିଇବାର୍ ପାଏନ୍ ଆଉ ସ୍ୱାସ୍ଥ୍ୟସେବା କେନ୍ଦ୍ର ଜରିଏ ଜରୁରୀ ଚିକିତ୍ସା ସୁବିଧା ପୁହୁଁଚାଯାଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଏବା କାଏଲ୍ ସଖାଲ୍‌ବେଲା ଆକାଶ୍‌ମାର୍ଗନୁ ବଏଢ଼୍ ପ୍ରଭାବିତ୍ ଜିଲ୍ଲାମାନ୍‌କର୍ ପରିଦର୍ଶନ୍ କର୍‌ବେ ।

ରାଏଜେ ବନ୍ୟା ସ୍ଥିତିକେ ନେଇକରି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍ ଉତ୍‌ରୁ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ଶ୍ରୀ ପୂଜାରୀ କହିଛନ୍, ବଏଢ଼୍ ଲାଗି ୧୫ ଟା ଜିଲ୍ଲାର୍ ୫୭ ଟା ବ୍ଲକ୍ର ୪ ଶହ ୪୬ ପଂଚାୟତ୍, ୧ ହଜାର୍ ୩ ଶହ ୬୨ ଟା ଗାଁ ଆଉ ୧୧ ଟା ପୌରାଂଚଲ୍ ପ୍ରଭାବିତ୍ ହେଇଛେ ।

ମୋଟ୍ ୭ ଲାଖ୍ ୯୧ ହଜାର୍ ୮୪୬ ଲୋକ୍ ଇଥି ପ୍ରଭାବିତ୍ ହେଇଛନ୍ । ଜଲବନ୍ଦୀ ଅବସ୍ଥାଥି ୨ ଲାଖ୍ ୬୮ ହଜାର୍ ୯୪୩ ଝନ୍ ରହିଥିବାର୍ ବେଲେ ୨୧ ହଜାର୍ ୩ ଶହ ୮୦ ଏକଡ୍ ଚାଷ୍ ଜମି କ୍ଷତିଗ୍ରସ୍ତ ଆଉ ୭ ଶହ ଘର୍ ଭାଙ୍ଗିଥିବା ଜନାପଡ଼ିଛେ । ୬ ଶହ ୪୭ଟା ଆଶ୍ରୟସ୍ଥଲୀ ନ ପ୍ରଭାବିତ୍ ଲୁକ୍‌କୁ ସ୍ଥାନାନ୍ତରିତ୍ କରାଯାଇଛେ । ମହାନଦୀକେ ଛାଡ଼ିଦେଲେ ବାକି ସବୁ ନଦୀ ନ ବିପଦ୍ ସଙ୍କେତ୍ ତଲେ ପାଏନ୍ ଯାଉଛେ । ବଏଡ୍ ପାଏନ୍ କମ୍‌ବାର୍‌ତକ୍ ପ୍ରଭାବିତ୍ ଲୁକ୍‌କୁ ଶୁଖ୍‌ଲା ଆଉ ରନ୍ଧା ଖାଏବାର୍ ଦରବ୍ ଦିଆଯିବା । କ୍ଷୟକ୍ଷତି ରିପୋର୍ଟ ଆସ୍‌ବାର୍ ଉତ୍‌ରୁ ତୁର୍‌ତି କ୍ଷତିଭର୍‌ନା ଦିଆଯିବା ବଲି ଶ୍ରୀ ପୂଜାରୀ କହିଛନ୍ ।

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

ବଏଡ୍ ଲାଗି ନୂଆପଡ଼ା ଜିଲ୍ଲା ନ ଭିନ୍ ଭିନ୍ ଜାଗା ନ ରାସ୍ତା ଧୁଇ ହେଇଯାଇଛେ । ଖଡ଼ିଆଲ୍ ତୁଆଝର୍ ରାସ୍ତା ମରାମତି କାମ୍ ପ୍ରଶାସନ୍ ତର୍‌ଫୁ ମୁଲ୍ କରାଯାଇଛେ । ଜିଲ୍ଲାର୍ ନୂଆପଡ଼ା, କୋମ୍‌ନା, ବୋଡ଼େନ୍, ଖଡ଼ିଆଲ୍ ସହେତେ ୪ ଟା ବ୍ଲକ୍‌ର ୯ ଟା ଗ୍ରାମ୍ ପଂଚାୟତ୍ ପ୍ରଭାବିତ୍ ହେଇଛେ । ୩ ଶହ ୮୫ ଝନ୍‌କୁ ସୁରକ୍ଷିତ୍

ସ୍ଥାନାନ୍ତର୍ କରାଯାଇକରି ୬ ଟା ବନ୍ୟା ଆଶ୍ରୟସ୍ଥଳୀ ନ ରଖାଯାଇଛେ ।

ବନ୍ୟା ସ୍ଥିତି ଆଉ ବଏଢ଼୍ ପାଏନ୍‌ର ମୁକାବିଲା ଲାଗି ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ ୬ ଝନ୍ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛେ । ଭିନ୍ ଭିନ୍ ଜାଗା ନ ୨୪ ଟା ଓଡ୍ରାଫ୍, ୬ ଟା ଏନ୍‌ଡିଆର୍‌ଏଫ୍, ୪୬ ଟା ଅଗ୍ନିଶମ ବାହିନୀ ଦଲ୍ ଉଦ୍ଧାର୍ କାମ୍‌ଥି ଲାଗିଛନ୍ ।

ସେଆଡ଼େ ଆଏବା ୨୪ ଘଂଟା ଭିତ୍‌ରେ ଘଡ୍‌ଘଡ଼ି ସାଙ୍ଗେ ଜବର୍ ବର୍ଷା ହେବା ବଲି ପଶ୍ଚିମ ଓଡ଼ିଶାର୍ ବୌଦ୍ଧ ସହେତେ ୧୮ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା ୩ ଦିନ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଞ୍ଜ୍‌ର ୬ ବଜେତକ୍ ୬ ଶହ ୨୫ ଦଶ୍‌ମିକ୍ ୧/୫ ଫୁଟ୍ ରହିଥିଲା । ଆଏଜ୍ ଦୁଇପହର୍‌ତକ୍ ୧୪ ଟା ଗେଟ୍ ଦେଇକରି ବଏଢ଼୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ବେଲ୍‌ବୁଡ଼ାକେ ଆଉ ୮ ଟା ଗେଟ୍ ଖୁଲାଯାଇକରି ଇହାଦେ ୨୨ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ ।

ବ୍ରିକ୍ସ ସମ୍ମିଳନୀ        ଆଇ.ଆଣ୍ଡ୍.ପି.ଆର୍

ବ୍ରିକ୍ସ - ଭାରତ୍ ଅଧ୍ୟକ୍ଷତା ର ଶିକ୍ଷା କ୍ଷେତ୍ର ବୈଠକ୍‌ମାଳା ଆଏବା ୫ ନୁ ୭ ତାରିଖ୍‌ତକ୍ ଭୁବ୍‌ନେଶ୍ୱର୍ ନ ହେବା । ଇତାକେ ନେଇକରି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଲୋକ୍‌ସଭା ଭବନ୍ ନ ଆଏଜ୍ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଇ କାର୍ଯ୍ୟକ୍ରମର୍ ସୁପରିଚାଳନା ଆଉ ସଫଲ୍ ଆୟୋଜନ୍‌କେ ନେଇକରି ଆଲୋଚନା କରାଯାଇଛେ । ଇ ଶିକ୍ଷାକ୍ଷେତ୍ର ବୈଠକ୍‌ମାଳାଥି ୧୧ ଟା ବ୍ରିକ୍ସ ସଦସ୍ୟ ଦେଶର୍ ୮ ଝନ୍ ଶିକ୍ଷାମନ୍ତ୍ରୀଙ୍କର୍ ସହେତେ ୪୦ ଝନ୍ ବରିଷ୍ଠ ପଦାଧିକାରୀ, ଭାରତ୍ ସର୍‌କାର୍‌ଙ୍କର୍ ପଦାଧିକାର୍ ଆର୍ ଅଲ୍‌ଗା ଅତିଥିମାନ୍‌କୁ ମିଶେଇକରି ମୋଟ୍ ୨ ଶହ ନୁ ଅଏତ୍‌କା ପ୍ରତିନିଧି ଭାଗ୍ ନେବେ । ବ୍ରିକ୍ସ -ଭାରତ୍ ଅଧ୍ୟକ୍ଷତାର୍ ଥିମ୍ ରହିଛେ- ଜନ କୈନ୍ଦ୍ରିକ ଆଉ ମାନବ କଲ୍ୟାଣ୍ ପ୍ରାଥମିକତା ଦୃଷ୍ଟିଭଙ୍ଗିକେ ଆଧାର୍ କରିକରି ବିଶ୍ୱସ୍ତରୀୟ ଆହ୍ୱାନ୍ ମାନ୍‌କର୍ ମୁକାବିଲା ଲାଗି ସହନଶୀଳତା, ପାରସ୍ପରିକ୍ ସହଯୋଗ୍ ଆଉ ସ୍ଥାୟୀ ବିକାଶ୍‌କେ ବର୍‌କସ୍ କର୍‌ବାର୍ । ଇନ ଜନେଇ ଦିଆଯାଇପାରେ ଯେ, ୨୦୦୬ ମସିହାନୁ ଇ ବ୍ରିକ୍ସ ସମ୍ମିଳନୀ

ଭିନ୍ ଭିନ୍ ରାଷ୍ଟ୍ରମାନ୍‌କେ ହେଉଥିବାର୍ ବେଳେ ଇ ବଛର୍ ଭାରତ୍ ନ ଇ ସମ୍ମିଲନୀ ହେଉଛେ ।

ଦେବ୍‌ଗଡ଼୍ ଜିଲ୍ଲାପାଳ-ବୈଠକ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ନ ମେଲେରିଆ ଆଉ ଡେଙ୍ଗୁକେ ନେଇକରି ଜିଲ୍ଲା ଟାସ୍କଫୋର୍ସ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାପାଲ୍ ଜିଲ୍ଲା ନ ମେଲେରିଆ ଆଉ ଡେଙ୍ଗୁ ରୋଗ୍ ଚିହ୍ନଟ୍ ଆଉ ନିରାକରଣ୍ କର୍‌ବାର୍, ରୋଗ୍ ଲାଗି ସତର୍କତା ଆଉ ସଚେତନତା ଉପ୍‌ରେ ଜୋର୍ ଦେଇଥିଲେ ।

ଇତାର୍‌ସହେତେ ଜାତୀୟ କୃମିନାଶକ୍ ଦିବସ୍ ପାଲନ୍ ଲାଗି ଜିଲ୍ଲାସ୍ତରୀୟ କମିଟି ବୈଠକ୍ ଭିଲ୍ ଜିଲ୍ଲାପାଲ୍‌ଙ୍କର୍ ଅଧକ୍ଷତାଥି ହେଇଯାଇଛେ । ଛୁଆମାନ୍‌କର୍ ନ ରକ୍ତହୀନତା କରଉଥିବା କୃମି ସମସ୍ୟାକେ ମୁଲ୍‌ହୁ ନାଶ୍ କର୍‌ବାର୍ ଲକ୍ଷ୍ୟଥି ଆଏବା ୧୦ ତାରିଖ୍ ଦିନ ଇ ଦିବସ୍ ପାଲନ୍ କରାଯିବା ।